ତା.୨୨.ଫେବୃଆରୀ.୨୦୧୩

**ହାଇଦ୍ରାବାଦର ଆତଙ୍କବାଦ ବିସ୍ଫୋରଣ ନେଇ ରାଜ୍ୟ ସଭାରେ ସୁଶୀଲ କୁମାର ସିନ୍ଦେଙ୍କ ମନ୍ତବ୍ୟ ନେଇ ବିରୋଧୀ ଦଳର ନେତା, ରାଜ୍ୟସଭା ଶ୍ରୀ ଅଣୁଣ ଜେଟଲୀଙ୍କ ବିଷଦ ବକ୍ତବ୍ୟ ।**

ମାନନୀୟ ଉପାଧ୍ୟକ୍ଷ ମହୋଦୟ,

ଗତ କାଲି ହାଇଦ୍ରାବାଦରେ ଘଟିଥିବା ଦୁଇଟି ବିସ୍ଫୋରଣ ବାସ୍ତବରେ ଭାରତର ଗଣତନ୍ତ୍ରକୁ ବିରାଟ ବଡ଼ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗତ ଦୁଇ ଦଶନ୍ଧି ଧରି ଏପରି ଦୁର୍ଘଟଣା ବାରମ୍ବାର କରି ଘଟିଅଛି । ମାତ୍ର ଗତ କିଛି ମାସ ମଧ୍ୟରେ ଏପରି ଦୁର୍ଘଟଣାର ପୁନରାବୃତ୍ତିର ସମୟ ହ୍ରାସ ପାଇ ଚାଲିଛି । ଯାହାକୁ ମହାମହୀମ ରାଷ୍ଟ୍ରପତି ମହୋଦୟ ଗତ କାଲି ଅଭିଭାଷଣରେ କହିଥିଲେ । ମାତ୍ର ସବୁଠାରୁ ଦୁଃଖର କଥା କି, ଚଳିତ ବଜେଟ ଅଧିବେଶନର ପ୍ରାରମ୍ଭରୁ ହିଁ ଭାରତ ଉଗ୍ରବାଦୀ ମାନଙ୍କର ଭୟଂକର ଆଘାତରେ ଆହତ ହୋଇଅଛି । ଏପରି ସ୍ଥିତିରେ ଆମ ସମସ୍ତଙ୍କୁ ଏକ ଭାଷାରେ ଓ ଏକ ଦିଗରେ ଚିନ୍ତା କରି ପ୍ରତ୍ୟେକ ସମସ୍ୟାର ସମାଧାନ ଦେବାକୁ ହେବ । ଯେଉଁ ଆକ୍ରମଣରେ ଅସଂଖ୍ୟ ନିରୀହ ଜନତା ମୃତ ଓ ଆହତ ହୋଇଛନ୍ତି ସେଥିପାଇଁ ସରକାରଙ୍କୁ ଏକ ସ୍ୱତନ୍ତ୍ର ଦୃଷ୍ଟି ଭଙ୍ଗୀରେ ଚିନ୍ତା କରିବାକୁ ମଧ୍ୟ ପଡ଼ିବ ।

ମୁଁ ପ୍ରଶ୍ନ କରେ, ଆଜି ଆମେ ମାନେ ପୁଣି ଥରେ ଆଗାମୀ ଦୁର୍ଘଟଣାର ପ୍ରତୀକ୍ଷାରେ ନାହୁଁ ତ ? ଆମକୁ ସମଗ୍ର ଦେଶକୁ ଏପରି ଧାରଣା ଦେବାକୁ ହେବ ଯେପରି ଉକ୍ତ ଦୁର୍ଘଟଣା ଦେଶର ସର୍ବଶେଷ ଦୁର୍ଘଟଣା ଅଟେ । ମୁଁ ମାନ୍ୟବର ଗୃହମନ୍ତ୍ରୀଙ୍କ ମନ୍ତବ୍ୟ ନେଇ କିଛି ପରାମର୍ଶ ଦେବାକୁ ତଥା କିଛି ସ୍ୱଷ୍ଟତା ଚାହୁଁଅଛି । ଏପରି ଘନ ଘନ ଦୁଇଟି ଆକ୍ରମଣ ପରେ ଦେଶ କିଭଳି ପଦକ୍ଷେପ ଗ୍ରହଣ କରିବ ? ସରକାର ଉକ୍ତ ପଦକ୍ଷେପ ଗ୍ରହଣ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତିତ ତ ? ଗତ କିଛି ଦିନ ଧରି ମିଡ଼ିଆ ସଂସ୍ଥା ମାଧ୍ୟମରେ ହାଇଦ୍ରାବାଦ ଓ ବାଙ୍ଗାଲୋର ଭଳି କେତେକ ସହରରେ କିଛି ସମସ୍ୟା ଉପୁଜୁଥିବାର ପ୍ରକାଶ ହୋଇଥିଲା । ହାଇଦ୍ରାବାଦ ସହରର ବାତାବରଣ କିଛି କ୍ରୋଧ ଉଦ୍ଦୀପକ ମନ୍ତବ୍ୟ ଦ୍ୱାରା ମଧ୍ୟ କଳୂଷିତ ହୋଇଥିଲା ଏବଂ ଗତ କାଲି ସକାଳେ ଉକ୍ତ ସହରକୁ ସତର୍କ ବାଣୀ ଦିଆଯିବା ସମ୍ପର୍କରେ ମଧ୍ୟ ପ୍ରକାଶିତ ହୋଇଥିଲା । ତେବେ ଉକ୍ତ ସହରର ନିରାପତ୍ତା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଥିଲେ ? ଏହା ଆମ ଦେଶରେ କାର୍ଯ୍ୟ କରୁଥିବା ଗୁପ୍ତ

ତଥ୍ୟ ସଂଗ୍ରହକାରୀ ବା ଗୋଇନ୍ଦା ସଂସ୍ଥା ମାନଙ୍କ ପାଇଁ ଏକ ଆହ୍ଵାନ ନୁହେଁ ତ ? ଉକ୍ତ ଆତଙ୍କବାଦ ଗୁଡ଼ିକ କିଛି ଦେଶର ସୀମାନ୍ତ ଅଞ୍ଚଳରୁ ଓ କିଛି ଅଭ୍ୟନ୍ତରରୁ ହେଉଅଛି । କିଛି ଗୋଷ୍ଠି ଜାଣି ଶୁଣି ଜନତାଙ୍କୁ ଉଗ୍ରବାଦ କରିବା ପାଇଁ ପଥ ଭ୍ରଷ୍ଟ କରାଉଛନ୍ତି । କିଛି କ୍ଷେତ୍ରରେ ସେମାନେ ଆତଙ୍କବାଦ ସୃଷ୍ଟି କରାଇବାରେ ଜୟଯୁକ୍ତ ହୋଇଛନ୍ତି କାରଣ ସମୟ ଓ ସ୍ଥାନ ତାଙ୍କ ଦ୍ଵାରା ନିରୂପଣ କରାଯାଉଅଛି । ସେଠି ଆମେମାନେ କେବଳ ଦୁର୍ଘଟଣା ପରେ ସେଠାକୁ ଯାଇ ତଦନ୍ତ କରୁଛୁ , ପୀଡ଼ିତ ଲୋକଙ୍କୁ ସାହାର୍ଯ୍ୟ ତଥା କିଛି ଅନୁଦାନ ଯୋଗାଉଛୁ । ମାତ୍ର ବାସ୍ତବ ଘଟଣା ଆମ ଗୁପ୍ତଚର ସଂସ୍ଥା ହାତରେ ରହିଅଛି । ସେମାନେ ହିଁ ପ୍ରକୃତ ଷଡ଼ଜନ୍ତ୍ର ଯୋଜନା ମଧ୍ୟକୁ ପ୍ରବେଶ କରି ତାହାକୁ ଭଙ୍ଗ କରି ପାରିବେ । ଏହା ସତ୍ୟ ଯେ ଗତ ଦୁଇ ଦଶନ୍ଧି ଧରି ଆମେ ଏପରି ବହୁ ଷଡ଼ଜନ୍ତ୍ରକୁ ନଷ୍ଟ କରି ଅସଫଳ ସାବ୍ୟସ୍ଥ୍ୟ କରିଅଛୁ । ତେଣୁ ଆଜି ଆମକୁ ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରି ସମସ୍ତ ପ୍ରକାରର ଯୋଜନାକୁ ଅସଫଳ କରାଇବାକୁ ହେବ । ଆତଙ୍କବାଦୀକୁ ଗାଳି ଗୁଲଜ କରିବା ଓ ତଦ ଜନିତ ରାଜନୈତିକ ପରିସ୍ଥିତି କଥା କହିବା କେବଳ ସମୟ ଓ ଶକ୍ତିର ଅପବ୍ୟବହାର କହିଲେ ଚଳେ । ପ୍ରକୃତ ଘଟଣା ହେଉଛି ଆମ ସରକାର କିଭଳି ପଦକ୍ଷେପ ଗ୍ରହଣ କରିବେ ଯାହାଦ୍ଵାରା ଆଗାମୀ ଦିନରେ ଯେପରି ଆତଙ୍କବାଦର ପୁନରାବୃତ୍ତି ନହେବ । ଆମ ଗୋଇନ୍ଦା ସଂସ୍ଥା ଗୁଡ଼ିକୁ ଏପରି ଭାବରେ ପ୍ରସ୍ତୁତ କରିବା ଯେପରି ସେମାନେ ଦେଶର ବାସ୍ତବ ପ୍ରତିଛବି ତଥା ସମ୍ବିଧାନକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିଚାଲିବେ । ଏଥିପାଇଁ ବିଭିନ୍ନ ପ୍ରକାରର ସହଯୋଗ ଓ ପରାମର୍ଶ ମଧ୍ୟ ଲୋଡ଼ା ଯାଇପାରେ । ସୀମାନ୍ତରେ ଗୋଇନ୍ଦା ସଂସ୍ଥାକୁ ଦୃଢ଼ କରିବା କେନ୍ଦ୍ର ସରକାରଙ୍କର ପ୍ରଧାନ ଭୂମିକା ହେବା ଆବଶ୍ୟକ । କାରଣ ସୀମାନ୍ତରୁ ହିଁ ଦେଶ ମଧ୍ୟକୁ ଆତଙ୍କବାଦ କର୍ଯ୍ୟ କଳାପ ବ୍ୟାପୁଅଛି । ଏଥିପାଇଁ ଦେଶକୁ କିଛି ସଙ୍ଘୀୟ ନୀତି ଆପଣେଇବା ଦରକାର । କେବଳ କେନ୍ଦ୍ର ସରକାରଙ୍କ ଦ୍ଵାରା ପ୍ରତିଷ୍ଠିତ ହୋଇଥିବା ଏକ ସଂସ୍ଥା ସମସ୍ତ ପ୍ରକାରର ଆତଙ୍କବାଦ କାର୍ଯ୍ୟ କଳାପକୁ ରୋକିବା ପାଇଁ ଯଥେଷ୍ଟ ନୁହେଁ । ଆମକୁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏକ ସୁସମ୍ପର୍କ ସ୍ଥାପନା କରିବାକୁ ହେବ । କିଛି ଯୋଜନାର କ୍ଷମତାକୁ ରାଜ୍ୟକୁ ମଧ୍ୟ ଦିଆଯିବା ଆବଶ୍ୟକ । ରାଜ୍ୟମାନଙ୍କର ଏଥି ନେଇ ନୀତି ନିୟମ ଆଦିକୁ ମଧ୍ୟ ବଳୋବସ୍ତର କରିବା ଉଚିତ । ପୋଲିସର ସବୁଠାରୁ ନିମ୍ନ ଶ୍ରେଣୀର କର୍ମଚାରୀ କନେଷ୍ଟବଳ ହିଁ ସବୁଠାରୁ ଉତ୍ତମ ଗୁପ୍ତ ତଥ୍ୟ ସଂଗ୍ରହକାରୀ ବ୍ୟକ୍ତି ଅଟେ । ତେଣୁ କେନ୍ଦ୍ରକୁ ଜାଣିବା ଆବଶ୍ୟକ କି, ଏଭଳି ବିରାଟ ପଦ୍ଧତିର ପରିଚାଳନା ପାଇଁ କେବଳ କେନ୍ଦ୍ର ଯଥେଷ୍ଟ ନୁହେଁ । ଆମେ ସୀମାନ୍ତରେ କିଛି ଗଣ୍ଡଗୋଳ ଚାଲୁଅଛି କହି ସେଠାକାର ସୁରକ୍ଷା ବ୍ୟବସ୍ଥାକୁ ହ୍ରାସ କରାଇବା ପାଇଁ ସୁଯୋଗ ଦେବା ମଧ୍ୟ ଅନୁଚିତ । ମୋର କିଛି

ସହଯୋଗୀ କୁହନ୍ତି କି, ଆମେ ସମସ୍ତେ ସୀମାରେ ହେଉ ବା ଦେଶ ଅଭ୍ୟନ୍ତରରେ ହେଉଥିବା ଆତଙ୍କବାଦରେ ବଳି ପଡୁଅଛୁି । ସୀମା ପାର ପାକିସ୍ତାନରେ ଅନ୍ତର୍ଭୁକ୍ତ ହୋଇଥିବାରୁ ସେଥିପାଇଁ ଆମେମାନେ କୌଣସି ପଦକ୍ଷେପ ନେଇ ପାରିବା ନାହିଁ । ସେଥିପାଇଁ ଆଇ.ଏସ.ଆଇ, ପାକିସ୍ତାନ ସୈନ୍ୟ ବାହିନୀ ଓ ଅନ୍ୟାନ୍ୟ ସଂସ୍ଥାମାନ ରହିଅଛି । ମାତ୍ର ଏପରି କିଛି ଖେଳାଳୀ ଅଛନ୍ତି ଯେଉଁମାନେ ଗୋଟିଏ ଦିଗକୁ ଯିବା ଭଳି ମନେ ହେଲା ବେଳେ ସେମାନଙ୍କ ଗତିପଥ ଭିନ୍ନ ଦିଗରେ ହୋଇଥାଏ । ତେଣୁ ସେପରି କ୍ଷେତ୍ରରେ ଆମେ ସୀମାନ୍ତର ସୁରକ୍ଷାକୁ ହ୍ରାସ କରାଇବା କଥା ଆଦୌ ଚିନ୍ତା କରିବା ଅନୁଚିତ । କାରଣ ସମସ୍ତ ପ୍ରକାରର ଆତଙ୍କବାଦ ଆଜି ସୀମାନ୍ତରୁ ହିଁ ଆରମ୍ଭ ହୋଇ ଦେଶର ଅଭ୍ୟନ୍ତରରେ ଉପନୀତ । ତାହା ବାଙ୍ଗାଲାଦେଶ ବା ନେପାଳ ଠାରୁ ମଧ୍ୟ ହୋଇ ପାରେ ବୋଲି ଗୋଇନ୍ଦା ସଂସ୍ଥା ତରଫରୁ ସୂଚନା ମିଳେ । ଆତଙ୍କବାଦକୁ ଯେକୌଣସି ପ୍ରକାରର ସହଯୋଗ ମଧ୍ୟ ଆତଙ୍କବାଦ ବିରୋଧରେ ହେଉଥିବା କାର୍ଯ୍ୟପନ୍ଥାକୁ ଦୁର୍ବଳ କରିଥାଏ । ଯେପରି ଆତଙ୍କବାଦ ବିରୋଧରେ ଲଢ଼େଇର ପ୍ରଶ୍ନ ଉଠାଇବା ମାତ୍ରେ ଲୋକମାନେ ଯେକୌଣସି ଆତଙ୍କବାଦରେ ଦୋଷୀ ଅଭିଯୁକ୍ତ ବ୍ୟକ୍ତିଙ୍କ ଗାଆଁକୁ ଯାଇ ତାଙ୍କୁ ସହନୁଭୁତି ଜଣାନ୍ତି । ଏପରିକି ଆମ ସୈନ୍ୟ ବାହିନୀର କର୍ମୀ ଓ ପୋଲିସ କର୍ମୀ ଉକ୍ତ ଲଢ଼େଇରେ ମୃତ୍ୟୁ ବରଣ କରିବା ପରେ ମଧ୍ୟ ଆମେ ସମସ୍ତ ଘଟଣାର ସତ୍ୟାସତ ବା ପ୍ରମାଣ ଖୋଜିଥାଉ । ଯାହାକି ବର୍ତ୍ତମାନ ଦିଲ୍ଲୀରେ ଘଟିଗଲା । ମୋ ମତରେ ଦେଶର ରାଜନୈତିକ ଗୋଷ୍ଠି ଜାଣିବା ଦରକାର କି, ସେମାନେ ଆତଙ୍କବାଦ ବିରୋଧରେ ଲଢ଼େଇର ପ୍ରଶ୍ନ ଉଠାଇ କିଛି ବିରାଟ କାର୍ଯ୍ୟ କରୁନାହାନ୍ତି । ସେମାନେ କେବଳ ନିଜ ଭୋଟ ବୃଦ୍ଧି କରୁଛନ୍ତି କହିଲେ ଚଳେ ।

ସବୁଠାରୁ ମୁଖ୍ୟ କଥା ହେଲା କେନ୍ଦ୍ର ଗୃହ ମନ୍ତ୍ରୀ ଜାଣିବା ଆବଶ୍ୟକ କି, ଆମ ଦେଶର ଗୋଇନ୍ଦା ସଂସ୍ଥା ଖୁବ ଉନ୍ନତ ଅଟେ । ତେଣୁ ସେମାନଙ୍କୁ ଅନାବଶ୍ୟକୀୟ କାର୍ଯ୍ୟ କ୍ଷେତ୍ରରେ ନିୟୋଜିତ ନକରି ବରଂ ଜାତୀୟ ସୁରକ୍ଷା କ୍ଷେତ୍ରରେ ନିୟୋଜିତ କରିବା ଆବଶ୍ୟକ । ସେମାନଙ୍କ କାର୍ଯ୍ୟ ପନ୍ଥା ସମୟରେ ମଧ୍ୟ ଅଯଥା ରାଜନୈତିକ ହସ୍ତକ୍ଷେପର ଆବଶ୍ୟକତା ନାହିଁ ।  ଆମ ଦେଶର ଉ-ପୂ ରେ ସମସ୍ୟା ମାନ ରହିଅଛି । ଉତ୍ତରରେ କାଶ୍ମୀର ସମସ୍ୟା, ସୀମାନ୍ତରେ ଅନୁପ୍ରବେଶକାରୀ ସମସ୍ୟା ଓ ଆଭ୍ୟନ୍ତରରେ ମାଓବାଦୀ ଆଦି ସମସ୍ୟା ପାଇଁ ଆମକୁ ଆମର ଗୋଇନ୍ଦା ସଂସ୍ଥାର ଉଚିତ ବ୍ୟବହାର କରିବାକୁ ହେବ । ମୁଁ ମାନନୀୟ ଗୃହମନ୍ତ୍ରୀଙ୍କୁ କହିବାକୁ ଚାହୁଅଛି କି, ଗତ କାଲିର ବିସ୍ଫୋରଣ ଆମକୁ ମନେ ପକାଇ ଦେବା ଦରକାର କି, ଆମକୁ ସର୍ବଦା ଆତଙ୍କବାଦ ବିରୋଧରେ ଲଢ଼େଇ ବଜାୟ

ରଖିବାକୁ ହେବ । ଦେଶର ସୁରକ୍ଷା ନେଇ କେଣସି ପ୍ରକାରର ବୁଝାମଣା ମଧ୍ୟ ନହେବା ଉଚିତ । କାରଣ ସୁରକ୍ଷାର ହ୍ରାସ ହିଁ ଆତଙ୍କବାଦର ବୃଦ୍ଧିର କାରଣ ଅଟେ । ତେଣୁ ଦେଶର ଅଖଣ୍ଡତାକୁ ଦୃଷ୍ଟିରେ ରଖି ଆତଙ୍କବାଦ ବିରୋଧରେ ହେଉଥିବା ଲଢ଼େଇକୁ ଅବ୍ୟାହତ ରଖିବା ନିତ୍ୟାନ୍ତ ଆବଶ୍ୟକ ।